# NATIONAL NEWS BULLETIN (ODIA)

## 30th March’ 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ନମୋ ଆପ୍ ମାଧ୍ୟମରେ ‘ମେରା ବୁଥ୍ ସବ୍‌ସେ ମଜବୁତ’ ଅଭିଯାନରେ ଆଜି ଆସାମ ଏବଂ ପୁଡୁଚେରୀର ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେବେ ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ।

- ଦେଶରେ ଶକ୍ତି ଯୋଗାଣକୁ ନିଶ୍ଚିତ କରିବା ଲାଗି ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କିରୋସିନି ବଣ୍ଟନ ଲାଗି ଅନୁମତି ଦେଲେ କେନ୍ଦ୍ର ସରକାର ।

- ସ୍ଥଳଭାଗରେ ଆମେରିକା ଆକ୍ରମଣ ଯୋଜନା କରୁଥିବା ଇରାନ୍‌ର ଅଭିଯୋଗ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସଙ୍କୁ ୬ ୱିକେଟ୍‌ରେ ପରାସ୍ତ କଲା ମୁମ୍ବାଇ ଇଣ୍ଡିଆନ୍ସ ।

— ଆଜି ସନ୍ଧ୍ୟାରେ ରାଜସ୍ଥାନ ରୟାଲ୍‌ସ ଓ ଚେନ୍ନାଇ ସୁପରକିଙ୍ଗ୍‌ସ ମଧ୍ୟରେ ଅନୁଷ୍ଠିତ ହେବ ମ୍ୟାଚ୍ ।

## ପି.ଏମ୍.

ପ୍ରଧାନମନ୍ତ୍ରୀ ଏବଂ ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ ଆଜି ନମୋ ଆପ୍ ମାଧ୍ୟମରେ ମେରା ବୁଥ୍ ସବ୍‌ସେ ମଜବୁତ ଅନ୍ତର୍ଗତ ଆସାମ ଏବଂ ପୁଡୁଚେରୀର ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଗତ ଦଶନ୍ଧିରେ ଆସାମରେ ବିଭିନ୍ନ କ୍ଷେତ୍ରରେ ବିକାଶମୂଳକ କରାଯାଇଛି । ବିକାଶ କାର୍ଯ୍ୟ ଯୋଗୁଁ ଲୋକମାନେ ଡବଲ-ଇଞ୍ଜିନ୍ ଏନଡିଏ ସରକାରଙ୍କୁ ଆଉ ପାଞ୍ଚ ବର୍ଷ ପାଇଁ ନିର୍ବାଚିତ କରିବାପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି ।

ଅନ୍ୟ ଏକ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଡବଲ-ଇଞ୍ଜିନ୍ ଏନଡିଏ ସରକାର ଗତ ୫ ବର୍ଷ ମଧ୍ୟରେ ପୁଡୁଚେରୀର ଲୋକଙ୍କ ଆକାଂକ୍ଷା ପୂରଣ କରିବାରେ ସଫଳ ହୋଇଛନ୍ତି ।

# ଗଭ୍ - କିରୋସିନ

ଦେଶରେ ଶକ୍ତି ଯୋଗାଣକୁ ନିଶ୍ଚିତ କରିବା ଲାଗି କେନ୍ଦ୍ର ସରକାର ୨୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ କିରୋସିନ ବଣ୍ଟନ ଲାଗି ଅନୁମତି ପ୍ରଦାନ କରିଛନ୍ତି । ଏକ ବିଜ୍ଞପ୍ତି ଅନୁଯାୟୀ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ କିରୋସିନ-ମୁକ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ନିର୍ଦ୍ଦିଷ୍ଟ ପେଟ୍ରୋଲ୍ ପମ୍ପ୍‌ଗୁଡ଼ିକରେ କିରୋସିନ ସଂରକ୍ଷଣ ଏବଂ ବଣ୍ଟନ ପାଇଁ ଅନୁମତି ଦେଇଛି। ପ୍ରତି ଜିଲ୍ଲାରେ ଦୁଇଟି ପେଟ୍ରୋଲ୍ ପମ୍ପ୍‌ରେ ୫ ହଜାର ଲିଟର ପର୍ଯ୍ୟନ୍ତ କିରୋସିନ ଗଚ୍ଛିତ ରଖିବା ଲାଗି ଅନୁମତି ଦିଆଯାଇଛି । ଏହି ବ୍ୟବସ୍ଥା କେବଳ ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ କିରୋସିନ ପାଇଁ ପ୍ରଯୁଜ୍ୟ ହେବ। ଏହା ଦିଲ୍ଲୀ, ଉତ୍ତର ପ୍ରଦେଶ, ଗୁଜରାଟ ଏବଂ ରାଜସ୍ଥାନ ସମେତ ୨୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ କାର୍ଯ୍ୟକାରୀ ହେବ।

ଏହି ପ୍ରକ୍ରିୟା ୬୦ ଦିନ ପାଇଁ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ।

## ପାର୍ଲାମେଣ୍ଟ ଟୁଡେ

ଲୋକସଭାରେ ଆଜି ଇନସଲଭେନ୍ସି ଏବଂ ଦେବାଳିଆ କୋଡ୍ (ସଂଶୋଧନ) ବିଲ୍, ୨୦୨୫ ଉପରେ ଆଲୋଚନା ହେବ । ଏଥିରେ କମ୍ପାନୀ ଏବଂ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ପ୍ରକ୍ରିୟାଗତ ବିଳମ୍ବ ଏବଂ ସମ୍ପର୍କିତ ସମସ୍ୟାଗୁଡ଼ିକୁ ସମାଧାନ କରିବା ନେଇ ସଂଶୋଧନ କରାଯାଇଛି । ଲୋକସଭାରେ ମଧ୍ୟ ଆଜି ମାଓବାଦରୁ ଦେଶକୁ ମୁକ୍ତ କରିବା ପାଇଁ ଚାଲିଥିବା ପ୍ରୟାସ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।

ରାଜ୍ୟସଭାରେ ଆଜି କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ବିଧେୟକ, ୨୦୨୬ ଆଲୋଚନା ଏବଂ ମଞ୍ଜୁରି ପାଇଁ ଉପସ୍ଥାପନ କରାଯିବ । ବିଧେୟକରେ ଇନ୍ସପେକ୍ଟର ଜେନେରାଲ ପଦରେ ମୋଟ ପଦବୀର ୫୦ ପ୍ରତିଶତ, ଅତିରିକ୍ତ ନିର୍ଦ୍ଦେଶକ ପଦରେ ସର୍ବନିମ୍ନ ସତଷଠି ପ୍ରତିଶତ ଏବଂ ଅତିରିକ୍ତ ମହାନିର୍ଦ୍ଦେଶକ ଏବଂ ମହାନିର୍ଦ୍ଦେଶକ ପଦରେ ସମସ୍ତ ପଦବୀ ଭାରତୀୟ ପୋଲିସ ସେବା, IPS ଅଧିକାରୀମାନଙ୍କ ଦ୍ୱାରା ଡେପୁଟେସନରେ ପୂରଣ କରାଯିବ ।

## ଡବ୍ଲ୍ୟୁ.ବି. ଅଫିସର ରିମୁଭ୍

ନିର୍ବାଚନ କମିଶନ ପଶ୍ଚିମବଙ୍ଗର ୧୭୦ଟି ଥାନାର ଅଧିକାରୀଙ୍କୁ ହଟାଇ ଦେଇଛନ୍ତି, ଯେଉଁଥିରେ ଭବାନୀପୁର ଏବଂ ନନ୍ଦିଗ୍ରାମ ଭଳି ସମ୍ବେଦନଶୀଳ

ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୁପାରିସ ଆଧାରରେ ୧୧ ଜଣ ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ମୋଟ ୧୮୪ ଜଣ ପୋଲିସ ଅଧିକାରୀଙ୍କ ବଦଳି ଏବଂ ପୁନଃସ୍ଥାପନକୁ ଅନୁମୋଦନ ଦିଆଯାଇଛି । କମିଶନ ସୂଚନା ଅନୁଯାୟୀ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ମତଦାନ ପ୍ରକ୍ରିୟା ସମୟରେ ସମ୍ପୂର୍ଣ୍ଣ ନିରପେକ୍ଷତା ସୁନିଶ୍ଚିତ କରିବାପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।

## ପୋଷ୍ଟର ଏକ୍ଜିବିସନ୍

ପୂର୍ବରୁ ପୋଷ୍ଟର ମାଧ୍ୟମରେ ଚଳଚ୍ଚିତ୍ରଗୁଡ଼ିକର ବିଜ୍ଞାପନ କରାଯାଉଥିବେଳେ ପରିବର୍ତ୍ତନଶୀଳ ସମୟ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ଏହାର ଲୋକପ୍ରିୟତା ହ୍ରାସ ପାଇଛି । ଫିଲ୍ମ ପୋଷ୍ଟରର ଯୁଗକୁ ପୁନଃ ପ୍ରଦର୍ଶନ କରିବା ପାଇଁ ଟୁଲି ରିସର୍ଚ୍ଚ ସେଣ୍ଟର ଫର୍ ଇଣ୍ଡିଆ ଷ୍ଟଡିଜ୍, TRCI ଦିଲ୍ଲୀରେ ଏକ ପୋଷ୍ଟର ପ୍ରଦର୍ଶନୀ ଆୟୋଜନ କରିଥିଲା। ଏଥିରେ ଭାରତୀୟ ସିନେମାର ଅତୀତର ସୁବର୍ଣ୍ଣ ଯୁଗର ସ୍ୱତନ୍ତ୍ର ଏବଂ ବିରଳ ସଂଗ୍ରହଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା ।

ପ୍ରଦର୍ଶନୀରେ ସବୁଠାରୁ ଭାବପ୍ରବଣ ଉପସ୍ଥାପନା ମଧ୍ୟରେ ସର୍ବୋତ୍ତମ ଭାରତୀୟ ଚଳଚ୍ଚିତ୍ର ମଧ୍ୟରୁ ଗୋଟିଏ ଥିଲା, ‘ମୁଗଲ-ଏ-ଆଜମ’।

ଏହାବ୍ୟତୀତ, ଭାରତୀୟ ସିନେମାର ଅନନ୍ୟ ପରିଚୟ ବହନ କରୁଥିବା ଜୁବୁଲି ଟ୍ରଫିର ମଧ୍ୟ ପ୍ରଦର୍ଶନ କରାଯାଇଥିଲା ।

## ୱେଷ୍ଟ ଏସିଆ - ଇରାନ-ୟୁ.ଏସ୍.

ମଧ୍ୟପ୍ରାଚ୍ୟ ବିବାଦର ଅନ୍ତ ପାଇଁ କୂଟନୈତିକ ପ୍ରୟାସ ଜାରି ରହିଥିବାବେଳେ ଇରାନର ବାଚସ୍ପତି' ଆମେରିକା ଗୁପ୍ତ ଭାବରେ ସ୍ଥଳଭାଗରେ ଆକ୍ରମଣ ଯୋଜନା କରୁଥିବା ଅଭିଯୋଗ କରିଛନ୍ତି। ବାଚସ୍ପତି ମହମ୍ମଦ ବାଘେର କାଲିବାଫ କହିଛନ୍ତି, ଯେ ଯଦି ଆମେରିକୀୟ ସୈନ୍ୟ ଦେଶରେ ପ୍ରବେଶ କରନ୍ତି ତେବେ ଇରାନୀ ସୈନ୍ୟମାନେ ଜବାବ ଦେବାକୁ ପ୍ରସ୍ତୁତ ଅଛନ୍ତି । ସେ କହିଛନ୍ତି, ଏବେ ସଂଘର୍ଷ ଜଟିଳ ପର୍ଯ୍ୟାୟରେ ପହଞ୍ଚିଛି।

ଅନ୍ୟପକ୍ଷରେ ୩ ହଜାର ୫୦୦ ନାବିକଙ୍କୁ ନେଇ ଆମେରିକାର ଜାହାଜ ମଧ୍ୟପ୍ରାଚ୍ୟର ତ୍ରିପୋଲିରେ ପହଞ୍ଚିଥିବା ଜଣାପଡ଼ିଛି ।

ଇରାନର ମିଳିତ ସାମରିକ କମାଣ୍ଡ' ଆମେରିକା ଏବଂ ଇସ୍ରାଏଲୀ ଅଧିକାରୀଙ୍କ ବ୍ୟକ୍ତିଗତ ବାସସ୍ଥାନକୁ ବୈଧ ଲକ୍ଷ୍ୟସ୍ଥଳ ଭାବରେ ଘୋଷଣା କରିଛି। ଫଳରେ ଇରାନ୍ ପକ୍ଷରୁ ସେହିସବୁ ଅଞ୍ଚଳ ଉପରେ ଆକ୍ରମଣ କରାଯାଇପାରିବ ।

ଇରାନର ବୈଦେଶିକ ମନ୍ତ୍ରୀ ସୈୟଦ ଆବାସ ଆରାଘାଚି ମଧ୍ଯ ଇରାନୀ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ଲକ୍ଷ୍ୟ କରି ଆମେରିକା-ଇସ୍ରାଏଲ ଆକ୍ରମଣକୁ କଡ଼ା ନିନ୍ଦା କରିଛନ୍ତି । ଇରାନର ଇସଲାମିକ୍ ରିଭୋଲ୍ୟୁସନରୀ ଗାର୍ଡ କର୍ପସ ଚେତାବନୀ ଜାରି କରିଛି, ପ୍ରତିଶୋଧ ସ୍ୱରୂପ ପଶ୍ଚିମ ଏସିଆ ଅଞ୍ଚଳରେ ଆମେରିକୀୟ ଏବଂ ଇସ୍ରାଏଲୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଉପରେ ଆବଶ୍ୟକ ପଡ଼ିଲେ ଆକ୍ରମଣ କରାଯିବ ।

କୂଟନୈତିକ ପ୍ରୟାସରେ, ସାଉଦି ଆରବ, ମିଶର, ତୁର୍କୀ ଏବଂ ପାକିସ୍ତାନର ବୈଦେଶିକ ମନ୍ତ୍ରୀମାନେ ବିବାଦକୁ ହ୍ରାସ କରିବା ଏବଂ ଆଞ୍ଚଳିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଇସଲାମାବାଦରେ ବୈଠକ କରିଥିଲେ ମଧ୍ୟରେ କୌଣସି ବିବୃତ୍ତି ଜାରି କରାଯାଇ ନାହିଁ ।

ସୂଚନାଯୋଗ୍ୟ, ଇରାନ ଉପରେ ଆମେରିକା-ଇସ୍ରାଏଲୀ ମିଳିତ ଆକ୍ରମଣ ୩ ହଜାରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି ।

## ଆଫଗାନ- ପାକ୍ ୱାର୍

ଆଫଗାନିସ୍ତାନରେ ପାକିସ୍ତାନ ସେନା ପକ୍ଷରୁ କୁନାର ପ୍ରଦେଶରେ ଆକ୍ରମଣରେ ଜଣେ ପ୍ରାଣ ହରାଇଥିବାବେଳେ ୧୬ ଜଣ ଆହତ ହୋଇଛନ୍ତି ।

ସୂଚନା ଅନୁଯାୟୀ ଗତକାଲି ପାକିସ୍ତାନର ସେନାଦ୍ୱାରା ସାଧାରଣ ଲୋକଙ୍କ ଘର ଉପରେ ଆକ୍ରମଣ କରାଯାଇଥିଲା।

ଆଫଗାନିସ୍ତାନ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ସୀମାପାର ସଂଘର୍ଷ ଏବଂ ବିମାନ ଆକ୍ରମଣ ମଧ୍ୟରେ ଏହି ସଦ୍ୟତମ ଘଟଣା ଘଟିଛି। ଆଫଗାନିସ୍ତାନ ସୀମାବର୍ତ୍ତୀ ଅଞ୍ଚଳରେ ପାକିସ୍ତାନୀ ବିମାନ ଆକ୍ରମଣର ଜବାବରେ ଆଫଗାନିସ୍ତାନ ସୀମାପାର ଆକ୍ରମଣ ଆରମ୍ଭ କରିବା ପରେ ଫେବୃଆରୀରେ ଉଭୟ ଦେଶ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା।

## ସୁଦାନ ଭାଓଲେନ୍ସ

ସୁଦାନର କୋର୍ଡୋଫାନ ପ୍ରଦେଶରେ ପାଞ୍ଚ ଜଣ ଶିଶୁ ଏବଂ ଦୁଇ ଜଣ ମହିଳାଙ୍କ ସମେତ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ସୁଦାନ ଡକ୍ଟରସ୍ ନେଟୱାର୍କ କହିଛି, ଅର୍ଦ୍ଧସାମରିକ ବାହିନୀ ରାପିଡ୍ ସପୋର୍ଟ ଫୋର୍ସ ଏବଂ ସହଯୋଗୀ ବିଦ୍ରୋହୀମାନେ ଏହି ଆକ୍ରମଣ କରିଛନ୍ତି, ଯେଉଁଥିରେ ସାତ ଜଣ ଶିଶୁ ସମେତ ଅନ୍ୟ ୨୩ ଜଣ ଆହତ ହୋଇଛନ୍ତି।

ସୁଦାନ ପିପୁଲ୍ସ ଲିବରେସନ୍ ମୁଭମେଣ୍ଟ-ନର୍ଥରେ ଥିବା RSF ଏବଂ ସେମାନଙ୍କର ସହଯୋଗୀମାନେ ଶନିବାର ଦିନ ପ୍ରାଦେଶିକ ରାଜଧାନୀ ଡିଲିଂରେ ଆକ୍ରମଣ ଆରମ୍ଭ କରିବା ପରେ ଏହି ହିଂସା ଘଟିଛି।

ସୂଚନା ଅନୁସାରେ ସୁଦାନର ସଶସ୍ତ୍ର ବାହିନୀ ଆକ୍ରମଣକୁ ପ୍ରତିହତ କରିଛନ୍ତି।

## ପାକ୍ - ରେନ୍ କିଲ୍ଡ୍

ପାକିସ୍ତାନରେ, ଖାଇବର ପଖତୁନଖ୍ୱା ଏବଂ ପଞ୍ଜାବ ପ୍ରଦେଶରେ ପ୍ରବଳ ବର୍ଷାରେ ନଅ ଜଣଙ୍କର ମୃତ୍ୟୁ ହୋଇଛି । ବର୍ଷା ଯୋଗୁଁ ସମ୍ପୃକ୍ତ ଅଞ୍ଚଳରେ ଏକକୋଠା ଭୁଶୁଡ଼ି ପଡ଼ିବାରୁ ଛଅ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି । ଲାହୋରରେ, ଛାତ ଭୁଶୁଡ଼ି ପଡ଼ିବାରୁ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ଆଗାମୀ ଦିନରେ ଅଧିକ ବର୍ଷା, ପବନ ଏବଂ ସମ୍ଭାବ୍ୟ ବନ୍ୟା ନେଇ ସତର୍କ ସୂଚନା ଜାରି କରାଯାଇଛି।

## ଖେଳ ଖବର

ଆଇ.ପି.ଏଲ୍. କ୍ରିକେଟରେ, ଗତକାଲି ରାତିରେ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୬ ୱିକେଟ୍‌ରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି,

କୋଲକାତା ନାଇଟ୍ ରାଇଡର୍ସ ୪ ୱିକେଟରେ ୨୨୦ ରନ ସ୍କୋର କରିଥିଲା।

ଜବାବରେ, ମୁମ୍ବାଇ ଇଣ୍ଡିଆନ୍ସ ୧୯ ଓଭର ଗୋଟିଏ ବଲ୍‌ରେ ୪ ୱିକେଟ ବିନିମୟ ବିଜୟ ଲକ୍ଷ୍ୟ ହାସଲ କରିଥିଲା।

ଆଜି ସନ୍ଧ୍ୟା ୭ଟା ୩୦ରେ ଗୌହାଟୀର ବାରସାପାରା କ୍ରିକେଟ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସ ଓ ଚେନ୍ନାଇ ସୁପର କିଙ୍ଗସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଛତିଶଗଡ଼ରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାର ପଞ୍ଚମ ଦିନରେ ଝାଡ଼ଖଣ୍ଡ ଏବଂ ହିମାଚଳ ପ୍ରଦେଶର କୁସ୍ତିଯୋଦ୍ଧାମାନେ ଦୁଇଟି ଲେଖାଏଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମିଜୋରାମ ଭାରୋତ୍ତୋଳନକାରୀମାନେ ଦୁଇଟି ସ୍ୱର୍ଣ୍ଣ, ଜମ୍ମୁ ଏବଂ କାଶ୍ମୀର କୁସ୍ତିରେ ଗୋଟିଏ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ଜିତିଛନ୍ତି ।

ଭାରୋତ୍ତୋଳନରେ ୮୬ କିଲୋଗ୍ରାମ ବର୍ଗରେ ମହାରାଷ୍ଟ୍ରର ସାକ୍ଷୀ ବୁର୍କୁଲେ ଏବଂ ମିଜୋରାମର ଜୋସାଙ୍ଗଜୁଆଲି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

ପୁରୁଷ ବିଭାଗର ୧୧୦ କିଲୋଗ୍ରାମ ବର୍ଗରେ ଅରୁଣାଚଳ ପ୍ରଦେଶର ସାମ୍ବୋ ଲାପୁଙ୍ଗ ଏବଂ ମିଜୋରାମର ଡେଭିଡ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

କୁସ୍ତିରେ ଝାଡ଼ଖଣ୍ଡର ପୁନମ ଓରାନ ଓ ହିମାଚଳ ପ୍ରଦେଶର ପ୍ରିୟଙ୍କା ଚୌଧୁରୀ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଜମ୍ମୁ ଏବଂ କାଶ୍ମୀରର ମୁନିର

ହୁସେନ ଏବଂ ମହାରାଷ୍ଟ୍ରର ବିନୋଦ ସରକାଲ ପୁରୁଷ ଫ୍ରିଷ୍ଟାଇଲରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ରାୟପୁରରେ ମହିଳା ଫୁଟବଲ୍‌ରେ ଛତିଶଗଡ଼ ଗୁଜରାଟକୁ ୨-୧ରେ ମହିଳା ହକିରେ, ଛତିଶଗଡ଼ ବିହାରକୁ ୯-୦ରେ ପରାସ୍ତ କରିଛି।

ଆଜି ଷଷ୍ଠ ଦିନରେ, ରାୟପୁରରେ ତୀରନ୍ଦାଜୀ, ହକି ଏବଂ ଫୁଟବଲ୍ ମ୍ୟାଚ୍ ଓ ସୁରଗୁଜାରେ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହେବ ।

ଭାରତର ପାରାଅଲିମ୍ପିକ୍‌ସ ଚାମ୍ପିଅନ୍ ପ୍ରମୋଦ ଭଗତ ଟୋଲେଡୋରେ ଅନୁଷ୍ଠିତ ସ୍ପାନିସ୍ ପାରା ବ୍ୟାଡମିଣ୍ଟନ୍ ଇଣ୍ଟରନ୍ୟାସନାଲ୍ ୨୦୨୬ - ଲେବଲ୍ ୧ରେ ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ରୌପ୍ୟ ପଦକ ଜିତିଛନ୍ତି। ପ୍ରମୋଦ ଭଗତ-ମନୀଷା ରାମଦାସ ଯୋଡ଼ି ମିକ୍ସଡ୍ ଡବଲ୍ସ ବର୍ଗରେ ଅନ୍ୟ ଏକ ଭାରତୀୟ ଯୋଡ଼ି ନିତେଶ କୁମାର-ତୁଳାସିମଥି ମୁରୁଗେସନଙ୍କୁ ୨୧-୧୫, ୨୪-୨୨ରେ ପରାସ୍ତ କରିଛନ୍ତି।

ପୁରୁଷ ଏକକ ଫାଇନାଲରେ, ଭଗତ ୧୦-୨୧, ୧୭-୨୧ରେ ନିତେଶ କୁମାରଙ୍କଠାରୁ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିଛନ୍ତି ।

ପୁରୁଷ ଡବଲ୍ସରେ, ଭଗତ ଏବଂ ସୁକାନ୍ତ କଦମ ଯୋଡ଼ି ଆଉ ଏକ ରୌପ୍ୟ ପଦକ ହାସଲ କରିଛନ୍ତି ।

ବକ୍ସିଂରେ ଆଜି ଭାରତୀୟ କ୍ରୀଡ଼ାବିତ୍‌ମାନେ ମଙ୍ଗୋଲିଆର ଉଲାନ-ବାଟାରରେ ଏସୀୟ ଚାମ୍ପିଅନସିପରେ ସେମାନଙ୍କର ଅଭିଯାନ ଆରମ୍ଭ କରିବେ। ମହିଳା ବକ୍ସର ନିଖତ ଜରୀନ, ଲୋଭଲିନା ବୋରଗୋହେଁ,

ଜୈସମିନ ଲାମ୍ବୋରିଆ, ଅଙ୍କୁଶିତା ବୋରୋ, ଅରୁନ୍ଧତୀ ଚୌଧୁରୀ ଏବଂ ଆଲଫିଆ ପଟାହାନ  ପ୍ରଦର୍ଶନ ଆରମ୍ଭ କରିବେ ।

*****